| | |
|---|---|
| | भारतीय प्रौद्योगिकी संस्थान भुवनेश्वर<br>**Indian Institute of Technology Bhubaneswar** |

**Press Release**

## ଆଇଆଇଟି ଭୁବନେଶ୍ୱର ଦ୍ୱାରା ଗବେଷଣା ତଥ୍ୟ ପରିଚାଳନା ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

**ଭୁବନେଶ୍ୱର, ୩ ଡିସେମ୍ବର ୨୦୨୪:** ସୂଚନା ଏବଂ ଲାଇବ୍ରେରୀ ନେଟୱାର୍କ (INFLIBNET) କେନ୍ଦ୍ର, ଗାନ୍ଧିନଗର ସହଯୋଗରେ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱରର କେନ୍ଦ୍ରୀୟ ଲାଇବ୍ରେରୀ ଦ୍ୱାରା ୩୦ ନଭେମ୍ବର ୨୦୨୪ ରେ ଗବେଷଣା ତଥ୍ୟ ପରିଚାଳନା ଉପରେ ଏକ ଦିବସୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଉଦ୍‌ଘାଟନୀ ଅଭିଭାଷଣରେ କେନ୍ଦ୍ରୀୟ ଲାଇବ୍ରେରୀ, ଆଇଆଇଟି ଭୁବନେଶ୍ୱରର ଅଧ୍ୟକ୍ଷ ଡକ୍ଟର ଶଶୀଧର କୋଣ୍ଡାରାଜୁ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ଡେପୁଟି ଲାଇବ୍ରେରିଆନ୍ ଡକ୍ଟର ବିଭୁତି ଭୂଷଣ ସାହୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଶେଷଜ୍ଞ ଏବଂ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ । ଗାନ୍ଧିନଗର ଇନଫ୍ଲିବନେଟ (INFLIBNET) କେନ୍ଦ୍ରର ବୈଜ୍ଞାନିକ-ଡି (ଲାଇବ୍ରେରୀ ସାଇନ୍ସେସ) ଶ୍ରୀ ଦୀନେଶ ରଂଜନ ପ୍ରଧାନ ଗବେଷଣା ତଥ୍ୟ ପରିଚାଳନା ବିଷୟରେ କହିଥିଲେ। ଆଇଆଇଟି ଭୁବନେଶ୍ୱରର ସହାୟକ ଲାଇବ୍ରେରିଆନ୍ ଡକ୍ଟର ଶମ୍ଭୁନାଥ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ । ପ୍ରଫେସର ରାଜେଶ ରୋଶନ ଦାଶ, ଡିନ୍ (ଛାତ୍ର ବ୍ୟାପାର) ଉଦଯାପନୀ ଅଧିବେଶନକୁ ଅନୁଗ୍ରହ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଗବେଷଣା ତଥ୍ୟ ପରିଚାଳନା ଉପରେ ବିଭିନ୍ନ ଅଧିବେଶନ ଅନ୍ତର୍ଭୁକ୍ତ ହୋଇଥିଲା, ଯଥା: ଆଇଆଇଟି ଭୁବନେଶ୍ୱରର ଆସୋସିଏଟ୍ ପ୍ରଫେସର ଡକ୍ଟର ନରେଶ ଚନ୍ଦ୍ର ସାହୁ ଙ୍କ ଦ୍ୱାରା ଗବେଷଣା ତଥ୍ୟ ପରିଚାଳନା: ଏକ ସମୀକ୍ଷା; ଇନଫ୍ଲିବନେଟ (INFLIBNET) କେନ୍ଦ୍ରର ବୈଜ୍ଞାନିକ-ସି (ଲାଇବ୍ରେରୀ ସାଇନ୍ସେସ) ଶ୍ରୀ ପଲ୍ଲବ ପ୍ରଧାନ ଙ୍କ ଦ୍ୱାରା ଅନୁସନ୍ଧାନକାରୀଙ୍କ ପାଇଁ ତଥ୍ୟ ପରିଚାଳନା ଯୋଜନାର ସର୍ବୋତ୍ତମ ଅଭ୍ୟାସ ଏବଂ ପିଆଇଡି ଓ ଡାଟାସାଇଟର ଭୂମିକା; କେନ୍ଦ୍ର ଏବଂ ଇନଫ୍ଲିବନେଟ (INFLIBNET) କେନ୍ଦ୍ରର ବୈଜ୍ଞାନିକ-ଡି (ଲାଇବ୍ରେରୀ ସାଇନ୍ସେସ) ଶ୍ରୀ ଦୀନେଶ ରଂଜନ ପ୍ରଧାନଙ୍କ ଦ୍ୱାରା ଜାତୀୟ ଗବେଷଣା ତଥ୍ୟ ସଂଗ୍ରହାଳୟ: ଏକ ସମୀକ୍ଷା ଆଦି। ଏହି କାର୍ଯ୍ୟକ୍ରମରେ ଭାରତର ପୂର୍ବ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର ପ୍ରାୟ ୬୦ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ।

------------------